# NATIONAL NEWS BULLETIN (ODIA)

## 28 June 2026

## Midday Bulletin : 1.50 P.M.

******************************

# ମୁଖ୍ୟ ସମ୍ବାଦ

- ସମୁଦ୍ରଠାରୁ ଆରମ୍ଭ କରି ଆକାଶ ପର୍ଯ୍ୟନ୍ତ ଭାରତ ଏବେ ଅଧିକ ସୁରକ୍ଷିତ ଓ ଆତ୍ମନିର୍ଭରଶୀଳ

\- ମନ୍ କି ବାତ୍‌ରେ ଦେଶବାସୀଙ୍କୁ ସମ୍ବୋଧିତ କରି କହିଲେ ପ୍ରଧାନମନ୍ତ୍ରୀ ।

- ସେସେଲ୍ସଠାରେ  ରାଷ୍ଟ୍ରପତି ପ୍ୟାଟ୍ରିକ ହରମିନି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ଜାରି ରହିଛି ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ବୈଠକ ।
- ଅପରେସନ ଆମିଷ୍ଟାଡ୍ ଅଧୀନରେ ଭୂକମ୍ପ ପ୍ରଭାବିତ ଭେନେଜୁଆଲାରେ ପହଞ୍ଚିଲା ଭାରତର ରିଲିଫ ସାମଗ୍ରୀ ।
- ଆମେରିକା ଏବଂ ଇରାନ୍ ମଧ୍ୟରେ ହୋଇଥିବା ଅସ୍ଥାୟୀ ଯୁଦ୍ଧବିରତି ଚୁକ୍ତି ପ୍ରଭାବହୀନ; ପଶ୍ଚିମ ଏସିଆରେ ବୃଦ୍ଧି ପାଇଲା ଯୁଦ୍ଧ ଆଶଙ୍କା ।

ଏବଂ

- ଆଇସିସି ମହିଳା ବିଶ୍ୱକପ୍ ଟି-୨୦ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଅଷ୍ଟ୍ରେଲିଆକୁ ଭେଟିବ ଭାରତ ।

# ମନ୍ କି ବାତ୍

ଆକାଶବାଣୀର ୧୩୫ତମ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଭାରତର ବିମାନ ଚଳାଚଳ କ୍ଷେତ୍ରରେ ଏକ ବଡ଼ ସଫଳତା ମିଳିଛି । ଆମ ଦେଶରେ ତିଆରି ହୋଇଥିବା ସି-୨୯୫ ବିମାନ ପ୍ରଥମଥର ପାଇଁ ସଫଳତାର ସହ ଆକାଶରେ ଉଡ଼ିଛି । ଏହିପରି ୪୦ଟି ବିମାନ ଏବେ ଭାରତରେ ତିଆରି ଚାଲିଛି । ଏହାଦ୍ୱାରା ଆମ ଦେଶର ଛୋଟବଡ ଶିଳ୍ପଗୁଡ଼ିକୁ ନୂଆ ଶକ୍ତି ମିଳିବ, ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ବଢ଼ିବ ଏବଂ ଆତ୍ମନିର୍ଭର ଭାରତ ସ୍ୱପ୍ନ ଆହୁରି ମଜଭୁତ ହେବ ।

**V/O (Aero Space)**

ପ୍ରଧାନମନ୍ତ୍ରୀ କହିଛନ୍ତି ଚଳିତ ମାସରେ ଦେଶର ସୁରକ୍ଷା ଓ ଆତ୍ମନିର୍ଭରଶୀଳତା କ୍ଷେତ୍ରରେ ଆମକୁ ଅନେକ ସଫଳତା ମିଳିଛି । ନିକଟରେ କୋଲକାତାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆଇ.ଏନ୍.ଏସ୍ ଦୁନାଗିରି, ଆଇ.ଏନ୍.ଏସ୍ ସଂଶୋଧକ ଏବଂ ଆଇ.ଏନ୍.ଏସ୍ ଅଗ୍ରୟକୁ ଭାରତୀୟ ନୌସେନାରେ ସାମିଲ କରାଯାଇଛି । ଏହିସବୁ ଯୁଦ୍ଧଜାହାଜର ଡିଜାଇନ୍‌ଠାରୁ ଆରମ୍ଭ କରି ନିର୍ମାଣ ପର୍ଯ୍ୟନ୍ତ ସବୁକିଛି ଆମ ଦେଶରେ ହିଁ ହୋଇଛି । ଏଥିସହ ଡିଆର୍‌ଡିଓ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ସ୍ଥଳଭାଗକୁ ଆକ୍ରମଣ କରିବାର କ୍ଷମତା ରଖୁଥିବା ବହୁ ଦୂରଗାମୀ କ୍ରୁଜ୍ ମିଶାଇଲ୍‌ର ସଫଳ ପରୀକ୍ଷଣ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସମୁଦ୍ରଠାରୁ ଆରମ୍ଭ କରି ଆକାଶ ପର୍ଯ୍ୟନ୍ତ ଭାରତ ଏବେ ଅଧିକ ସୁରକ୍ଷିତ ଓ ଆତ୍ମନିର୍ଭରଶୀଳ ହେବାରେ ଲାଗିଛି ।

ଚଳିତଥର ଅନ୍ତର୍ଜାତୀୟ ଯୋଗ ଦିବସରେ ସାରା ବିଶ୍ୱ ଭାରତ ସହ ସାମିଲ ହୋଇଥିଲା । ଦୁନିଆର ପ୍ରାୟ ୨ହଜାର ୫୦୦ରୁ ଅଧିକ ସ୍ଥାନରେ ବଡ ବଡ ଯୋଗ କାର୍ଯ୍ୟକ୍ରମ ହୋଇଥିଲା ଏବଂ ଭାରତର କୋଟି କୋଟି ଲୋକ ଏଥିରେ ଭାଗ ନେଇଥିଲେ । ଅହମ୍ମଦାବାଦଠାରେ ହୋଇଥିବା ବିଶ୍ୱ ଯୋଗାସନ ଚାମ୍ପିୟନସିପ୍‌ରେ ଭାରତୀୟ ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି । ଭାରତ ଏହି ପ୍ରତିଯୋଗିତାରେ ସର୍ବାଧିକ ୧୧୪ଟି ପଦକ ଜିତି ପ୍ରଥମସ୍ଥାନରେ ରହିଛି, ଯେଉଁଥିରେ ୧୦୨ଟି ସ୍ୱର୍ଣ୍ଣପଦକ ସାମିଲ ଅଛି । ପ୍ରଧାନମନ୍ତ୍ରୀ ଏହି ସଫଳତା ପାଇଁ ସମସ୍ତ ବିଜେତା ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

**V/O (Yoga)**

ଦେଶ ଗଠନରେ ଜନଭାଗିଦାରୀ ଭାରତର ସବୁଠାରୁ ବଡ ସମ୍ପତ୍ତି । ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ପରିସ୍ଥିତିକୁ ଦେଖି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ କିଛି ଅନୁରୋଧ କରିଥିଲେ । ଲୋକମାନେ ତାଙ୍କ କଥା ରଖି ସୁନା କିଣିବା କମାଇ ଦେଇଛନ୍ତି, ବିଦେଶ ଯାତ୍ରା ବାତିଲ କରିଛନ୍ତି ଏବଂ ଗାଡ଼ି ସେୟାର କରି ଯାତ୍ରା କରୁଛନ୍ତି । ଫଳରେ ପେଟ୍ରୋଲ ଓ ଡିଜେଲ ବଞ୍ଚି ପାରୁଛି । ଚାଷୀଭାଇମାନେ ମଧ୍ୟ ରାସାୟନିକ ସାର ବଦଳରେ ଜୈବିକ ସାରର ବ୍ୟବହାର ବଢ଼ାଇଛନ୍ତି । ଦେଶବାସୀ ଏକାଠି ହୋଇ ବିଶ୍ୱ ସଙ୍କଟର ସାମ୍ନା କରୁଥିବାରୁ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି ।

ସରକାର ଦେଶର କୋଟି କୋଟି ପରିବାରକୁ ଦୁର୍ଘଟଣାଜନିତ ବୀମା ସୁରକ୍ଷା ଯୋଗାଇ ଦେଉଛନ୍ତି । ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଓ ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା

ବିଷୟରେ କହିଥିଲେ । ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଏହି ବୀମା ଯୋଜନା ବିଷୟରେ ଅନ୍ୟମାନଙ୍କୁ ସଚେତନ କରାଇବା ପାଇଁ ଅନୁରୋଧ କରିଛନ୍ତି ।

ଆଜିର ମନ୍ କି ବାତ୍ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ କୁ-ସଂସ୍କାର ବା ଅନ୍ଧବିଶ୍ୱାସ ଉପରେ ଚିନ୍ତାପ୍ରକଟ କରି କହିଛନ୍ତି ଅନ୍ଧବିଶ୍ୱାସ ମଣିଷ ମନରେ ଭୟ ସୃଷ୍ଟି କରେ, ଯାହାଦ୍ୱାରା ଲୋକେ ଶତ ଦେଖି ନପାରି ଭୁଲ୍ ନିଷ୍ପତ୍ତି ନେଇ ନିଜର ବଡ କ୍ଷତି କରିଥାନ୍ତି । ଏହାର ସମାଧାନ ପାଇଁ ସେ ଆସାମର ହାର୍‌ଗିଲା ପକ୍ଷୀର ଉଦାହରଣ ଦେଇଛନ୍ତି ।

ଭାରତୀୟ ସଂସ୍କୃତି ଆଜି ସାରା ବିଶ୍ୱରେ ପହଞ୍ଚିପାରିଛି । ପ୍ରଧାନମନ୍ତ୍ରୀ ଡୋମିନିକାଲ ରିପବ୍ଲିକର ଉଦାହରଣ ଦେଇ କହିଛନ୍ତି ସେଠାରେ ମାତ୍ର ୧୦୦ଜଣ ଭାରତୀୟ ରୁହନ୍ତି । ତଥାପି ସେଠାକାର କିଛି ସ୍ଥାନୀୟ ସ୍ପାନିଶ ଭାଷାଭାଷି ଲୋକ ମିଶି 'ବ୍ରହ୍ମକମଳ ଡୋମିନିକାନା' ନାମକ ଏକ ସଂଗଠନ ଗଢ଼ିଛନ୍ତି । ସେଠାରେ ଲୋକମାନେ ବୈଦିକ ସାହିତ୍ୟ ପଢୁଛନ୍ତି ଏବଂ ପୁରୁଷସୂକ୍ତମ୍, ଶ୍ରୀସୂକ୍ତମ୍ ଓ ଦେବୀ ମହାତ୍ମ୍ୟମ୍ ଭଳି ଜଟିଳ ମନ୍ତ୍ରଗୁଡ଼ିକୁ ସ୍ପଷ୍ଟଭାବେ ଗାନ କରିପାରୁଛନ୍ତି ଯାହା ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ।

ପ୍ରଧାନମନ୍ତ୍ରୀ ଆଜିର କାର୍ଯ୍ୟକ୍ରମରେ ମେଘାଳୟର ଲିଭିଂ ରୁଟ୍ ବ୍ରିଜ୍ ବା ଗଛ ଚେରରେ ତିଆରି ଜୀବନ୍ତ ପୋଲର ପ୍ରଶଂସା କରିଛନ୍ତି । ଏହାକୁ ୟୁନେସ୍କୋ ବିଶ୍ୱ ଐତିହ୍ୟସ୍ଥଳୀ ମାନ୍ୟତା ଦେବାପାଇଁ ଭାରତ ଆବେଦନ କରିଛି । ସ୍ୱଚ୍ଛତା କ୍ଷେତ୍ରରେ ମଧ୍ୟପ୍ରଦେଶ ରାଜଗଡର ମହିଳାମାନଙ୍କର ପଦକ୍ଷେପକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି । ସେମାନେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁରୁ ପରିବେଶ ଅନୁକୂଳ ଇଟା ତିଆରି କରୁଛନ୍ତି, ଯାହାକୁ ସହରର ସୌନ୍ଦର୍ଯ୍ୟକରଣ ପାଇଁ ବ୍ୟବହାର କରାଯାଉଛି ।

ଏଥିସହ ଆଗକୁ ଆସୁଥିବା ଗଣେଶ ପୂଜା ପାଇଁ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଏକ ନିବେଦନ କରିଛନ୍ତି । ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ବଦଳରେ କେବଳ ସ୍ଥାନୀୟ କାରିଗରଙ୍କ ଦ୍ୱାରା ତିଆରି ମାଟିର ଗଣେଶ ମୂର୍ତ୍ତି ହିଁ କିଣିବାକୁ ସେ କହିଛନ୍ତି। ଶେଷରେ ପ୍ରଧାନମନ୍ତ୍ରୀ ବର୍ଷାଜଳ ସଂରକ୍ଷଣ ପାଇଁ 'କ୍ୟାଚ୍ ଦ ରେନ୍' ଅଭିଯାନକୁ ଆହୁରି ଜୋର୍‌ଦାର କରିବାକୁ କହିଛନ୍ତି ।

# ପିଏମ୍-ନରସିଂହା ରାଓ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହା ରାଓଙ୍କ ଜନ୍ମଜୟନ୍ତୀ ଅବସରରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ସଙ୍କଟଜନକ ପରିସ୍ଥିତି ସମୟରେ ଭାରତର ପ୍ରଗତି ପାଇଁ ନରସିଂହା ରାଓଙ୍କ ଅବଦାନ ସଦାସର୍ବଦା ସ୍ମରଣୀୟ ହୋଇ ରହିବ ।

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହା ରାଓଙ୍କ ଜନ୍ମଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ସିଂହ ତାଙ୍କୁ ଜଣେ ଦୂରଦର୍ଶୀ ନେତା ଏବଂ ମହାନ ଜନନାୟକ ବୋଲି କହିଛନ୍ତି ।

# ଅପରେସନ ଆମିଷ୍ଟାଡ୍

ଭାରତ ପକ୍ଷରୁ ଅପରେସନ ଆମିଷ୍ଟାଡ୍ ଅଧୀନରେ ପଠାଯାଇଥିବା ସହାୟତା ସାମଗ୍ରୀ ଭେନେଜୁଆଲାରେ ପହଞ୍ଚିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ଆଶାପ୍ରକଟ କରି କହିଛନ୍ତି ସେଠାକୁ ପଠାଯାଇଥିବା ଫିଲ୍ଡ ହସ୍ପିଟାଲ ୟୁନିଟ୍, ରିଲିଫ ସାମଗ୍ରୀ ଏବଂ ଜରୁରୀକାଳୀନ ଡାକ୍ତରୀ ଉପକରଣ' ଭୂକମ୍ପ ପରବର୍ତ୍ତୀ ସହାୟତା କାର୍ଯ୍ୟକୁ ଆହୁରି ଗତି ପ୍ରଦାନ କରିବ । ଭେନଜୁଆଲାରେ ହୋଇଥିବା ଭୟାବହ ଭୂକମ୍ପ ଯୋଗୁଁ ବ୍ୟାପକ ଧନଜୀବନ ହାନୀ ଓ କ୍ଷୟକ୍ଷତି ପରେ ଭାରତ ଗତ ଶୁକ୍ରବାରଦିନ ଅପରେସନ ଆମିଷ୍ଟାଡ୍ ଆରମ୍ଭ କରିଥିଲା । ଭାରତୀୟ ବାୟୁସେନାର ସି-୧୭ ଗ୍ଲୋବ ମାଷ୍ଟର ବିମାନ ରିଲିଫ ସାମଗ୍ରୀ ଏବଂ ୪୧ଜଣିଆ ଉଦ୍ଧାରକାରୀ ଦଳଙ୍କୁ ନେଇ ଭେନଜୁଆଲା ଯାତ୍ରା କରିଥିଲା । ଏହି ସହାୟତା ସାମଗ୍ରୀ ମଧ୍ୟରେ ଭାରତୀୟ ସେନାର ସ୍ୱତନ୍ତ୍ର ମେଡ଼ିକାଲ ଟିମ୍, ଫିଲ୍ଡ ହସ୍ପିଟାଲ ୟୁନିଟ୍, ୩୦ଟନ୍ ରିଲିଫ ସାମଗ୍ରୀ, ୬ଟନ୍ ଔଷଧ ସହିତ ୨ଟି ପୋଟେବୁଲ ମୋବାଇଲ ହସ୍ପିଟାଲ ଭୀସ୍ମ-କ୍ୟୁବ୍ ରହିଛି । ଏହି ୪୧ଜଣିଆ ଅଭିଜ୍ଞ ଡାକ୍ତରୀ ଓ ଉଦ୍ଧାରକାରୀ ଦଳ ସେଠାକାର ସରକାରଙ୍କ ସହ ମିଶି ଜରୁରୀକାଳୀନ ଚିକିତ୍ସା ଓ ସେବା କାର୍ଯ୍ୟ ଜାରି ରଖିବେ ।

# ୟୁଏସ୍-ଇରାନ ସିଜ୍‌ଫାୟାର

ଆମେରିକା ଏବଂ ଇରାନ୍ ମଧ୍ୟରେ ହୋଇଥିବା ଅସ୍ଥାୟୀ ଯୁଦ୍ଧବିରତି ପ୍ରଭାବହୀନ ହୋଇପଡିଛି । ବିଗତ କିଛି ଘଣ୍ଟା ମଧ୍ୟରେ ଦୁଇଦେଶ ପରସ୍ପର ଉପରେ ଭୟାବହ ସାମରିକ ଆକ୍ରମଣ କରିଛନ୍ତି । ଇରାନ୍‌ର ଏକ ଡ୍ରୋନ୍ ଆମେରିକାର ଏକ ବାଣିଜ୍ୟିକ ତେଲ ଟାଙ୍କି ଉପରେ ଆକ୍ରମଣ କରିବା ପରେ ଆମେରିକା ଏହାର ଜବାବ ଦେଇଛି । ଆମେରିକା ସେନା ହର୍ମୁଜ ପ୍ରଣାଳୀ ନିକଟରେ ଥିବା ଇରାନ୍‌ର ୧୦ଟି ସାମରିକ ଘାଟୀ ଉପରେ ବଡ ଧରଣର ବିମାନ ଆକ୍ରମଣ କରିଛି । ଏହି ଆକ୍ରମଣରେ ଇରାନ୍‌ର ଯୋଗାଯୋଗ ବ୍ୟବସ୍ଥା, ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏବଂ ଡ୍ରୋନ୍ ଗୋଦାମ ଗୁଡ଼ିକ ଧ୍ୱଂସ କରିଦିଆଯାଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚେତାବନୀ ଦେଇ କହିଛନ୍ତି ଇରାନ ପୁଣି ନିୟମ ଉଲ୍ଲଙ୍ଘନ କଲେ ଏହାଠାରୁ ଆହୁରି ବଡ ଆକ୍ରମଣ କରାଯିବ । ଆମେରିକା ଆକ୍ରମଣର କିଛି ଘଣ୍ଟା ପରେ ଇରାନ୍‌ର ଇସଲାମିକ ରିଭୋଲୋସନାରୀ ଗାର୍ଡ କର୍ପସ କୁଏତ୍ ଏବଂ ବାହାରିନ୍‌ରେ ଥିବା ଆମେରିକାର ମିଲିଟାରୀ କ୍ୟାମ୍ପଗୁଡ଼ିକ ଉପରେ ମିଜାଇଲ୍ ଏବଂ ଡ୍ରୋନ୍ ମାଡ଼ କରିଛି । ଏହି ହିଂସା ଯୋଗୁଁ ଦୁଇଦେଶ ମଧ୍ୟରେ ଶାନ୍ତି ଆଲୋଚନା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି ।

ଅନ୍ୟପକ୍ଷରେ ଇସ୍ରାଏଲ ଏବଂ ଲେବାନନ୍ ସୀମାରେ ମଧ୍ୟ ପରିସ୍ଥିତି ଗମ୍ଭୀର ରହିଛି । ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କହିଛନ୍ତି ଦେଶର ସୁରକ୍ଷା ପାଇଁ ସେ ହିଜ୍‌ବୁଲ୍ଲା ବିରୁଦ୍ଧରେ ଯେକୌଣସି ସମୟରେ

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତି । ହିଜ୍‌ବୁଲା ମଧ୍ୟ ଆମେରିକାର ମଧ୍ୟସ୍ଥତାରେ ହୋଇଥିବା ଚୁକ୍ତିକୁ ପ୍ରତ୍ୟାଖ୍ୟାନ କରିଛି । ଏହାଯୋଗୁଁ ସାରା ପଶ୍ଚିମ ଏସିଆରେ ଏକ ବଡ ଯୁଦ୍ଧର ଆଶଙ୍କା ଦେଖାଦେଇଛି ।

## ୱେମେନ୍ସ ଟି-୨୦ କ୍ରିକେଟ୍

ଆଇସିସି ମହିଳା ବିଶ୍ୱକପ୍ ଟି-୨୦ କ୍ରିକେଟ୍ ପ୍ରତିଯୋଗିତାରେ ଆଜି ଭାରତ ଗ୍ରୁପ୍-ଏରେ ତା'ର ଶେଷ ମ୍ୟାଚ୍‌ରେ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ଭେଟିବ । ଲଣ୍ଡନ୍‌ର ଲର୍ଡସ୍ କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯିବାକୁଥିବା ଏହି ମ୍ୟାଚ୍ ଭାରତୀୟ ସମୟ ସଂଧ୍ୟା ୭ଟାରେ ଆରମ୍ଭ ହେବ । ହରମନ୍‌ପ୍ରୀତ କୌର୍‌ଙ୍କ ନେତୃତ୍ୱରେ ଭାରତୀୟ ଦଳ ଏ ପର୍ଯ୍ୟନ୍ତ ୪ଟି ମ୍ୟାଚ୍‌ରୁ ୩ଟି ଜିତି ଗ୍ରୁପ୍ ତାଲିକାର ଦ୍ୱିତୀୟ ସ୍ଥାନରେ ଅଛି । ଅନ୍ୟପକ୍ଷରେ ଅଷ୍ଟ୍ରେଲିଆ ତା'ର ସମସ୍ତ ୪ଟି ମ୍ୟାଚ୍ ଜିତି ଗ୍ରୁପ୍‌ର ଶୀର୍ଷରେ ଅଛି । ସେମିଫାଇନାଲରେ ସ୍ଥାନ ପକ୍କା କରିବା ପାଇଁ ଆଜି ଭାରତୀୟ ଦଳକୁ ଏହି ଅପରାଜେୟ ଅଷ୍ଟ୍ରେଲିଆ ବିରୁଦ୍ଧରେ ଜିତିବାକୁ ହେବ ।

## ଇଣ୍ଡିଆ-ଆର୍ୟଲାଣ୍ଡ କ୍ରିକେଟ୍

ଭାରତ-ଆର୍ୟାଲାଣ୍ଡ ପୁରୁଷ ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ଶୃଙ୍ଖଳାର ଦ୍ୱିତୀୟ ତଥା ଚୂଡାନ୍ତ ମ୍ୟାଚ୍ ଆଜି ବେଲଫାଷ୍ଟରେ ଖେଳାଯିବ । ଏହି

ମ୍ୟାଚ୍ ଭାରତୀୟ ସମୟ ସଂଧ୍ୟା ୬ଟାରେ ଆରମ୍ଭ ହେବ । ଗତ ଶୁକ୍ରବାର ଦିନ ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଆର୍ୟାଲାଣ୍ଡ' ଭାରତକୁ ୩୪ରନ୍‌ରେ ପରାସ୍ତ କରି ସିରିଜ୍‌ରେ ୧-୦ରେ ଆଗୁଆ ରହିଛି ।